
# ଯକ୍ଷ୍ମାର ଯତ୍ନ ପାଇଁ Gender-Responsive ଉପାୟକୁ ଆପଣେଇବା

## ମୌଳିକ ଦୃଷ୍ଟିକୋଣ




ଉତ୍ସ: ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ

### ଉପକ୍ରମ

ବିଶ୍ୱ ଯକ୍ଷ୍ମା (ଟିବି) ପାଇଁ ଭାରତ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବହନ କରେ, ଯାହାକି ପ୍ରତିବର୍ଷ ନୂତନ ଭାବରେ ଚିହ୍ନଟ ହୋଇଥିବା ସମସ୍ତ ଲୋକଙ୍କ ଏକ ଚତୁର୍ଥାଂଶରୁ ଅଧିକର ଯୋଗଦାନ ଦେଇଥାଏ । ୨୦୨୩ ମସିହାରେ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ (ଏନ୍.ଟି.ଇ.ପି.) କୁ ସୂଚିତ କରାଯାଇଥିବା ୨୫.୫ ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀ ମାନଙ୍କ ମଧ୍ୟରୁ ୬୧% ପୁରୁଷ, ୩୯% ମହିଳା ଏବଂ ୧%ରୁ କମ୍ କିନ୍ନର ଥିଲେ ।

ଯକ୍ଷ୍ମାର ଏବଂ ଏହାର ପ୍ରଭାବ, ପୁରୁଷ, ମହିଳା ଏବଂ LGBTQIA++ ମାନଙ୍କ ପାଇଁ ଭିନ୍ନ । ଯକ୍ଷ୍ମା ନିରାକରଣ ପାଇଁ ଭାରତର ଜାତୀୟ କୌଶଳ ଯୋଜନା (୨୦୧୭-୨୫) ଯକ୍ଷ୍ମା ପ୍ରତି ଲିଙ୍ଗଗତ ପ୍ରତିକ୍ରିୟାଶୀଳ ଆଭିମୁଖ୍ୟର ଆବଶ୍ୟକତାକୁ ସ୍ୱୀକାର କରେ, ଯାହା ପ୍ରତ୍ୟେକ ଗୋଷ୍ଠୀର ଲିଙ୍ଗ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଏବଂ ଅନ୍ୟାନ୍ୟ ସାମାଜିକ ଅର୍ଥନୈତିକ ଦିଗ ସହିତ ଲିଙ୍ଗର ଅନ୍ତଃସମ୍ବନ୍ଧକୁ ଧ୍ୟାନରେ ରଖିଥାଏ ।

ଯକ୍ଷ୍ମା ପ୍ରସଙ୍ଗରେ ସେକ୍ସ, ଜେଣ୍ଡର ଏବଂ ଯୌନ ଆଭିମୁଖ୍ୟର ସକ୍ରିୟତାକୁ ବୁଝିବା ହେଉଛି ଲିଙ୍ଗ ପ୍ରତିକ୍ରିୟାଶୀଳ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ ଦିଗରେ ପ୍ରଥମ ପଦକ୍ଷେପ ।

## ଯକ୍ଷ୍ମା ପାଇଁ ଏକ Gender responsive ଉପାୟ ସ୍ଥିର କରିବା

ଭାରତ ଯକ୍ଷ୍ମାର ଉଚ୍ଚ ଭାର ବହନ କରୁଥିବା ପ୍ରଥମ ଦେଶ ମାନଙ୍କ ମଧ୍ୟରୁ ଗୋଟିଏ ଯିଏ ଯକ୍ଷ୍ମା ପ୍ରତି ଲିଙ୍ଗ ପ୍ରତିକ୍ରିୟାଶୀଳ ଦୃଷ୍ଟିକୋଣ ପାଇଁ ଏକ ରୂପରେଖ ଗ୍ରହଣ କରିଛି । ରୂପରେଖର ଲକ୍ଷ୍ୟ CIS Women, LGBTQIA++ ବ୍ୟକ୍ତିମାନଙ୍କର ଏବଂ ଯକ୍ଷ୍ମା ଦ୍ୱାରା ପ୍ରଭାବିତ ସି.ଆଇ.ଏସ୍. ପୁରୁଷମାନଙ୍କର ଅନନ୍ୟ ଆବଶ୍ୟକତାକୁ ଉତ୍ତର ଦେବା । ଏହା ଲିଙ୍ଗ ପ୍ରତିକ୍ରିୟାଶୀଳ ଯକ୍ଷ୍ମା ଯତ୍ନ ପାଇଁ ମୌଳିକ ରଣନୀତି ଏବଂ କାର୍ଯ୍ୟକୁ ପୃଥକ୍ କରିବାକୁ ଜାତୀୟ ରଣନୀତିକ ଯୋଜନା (ଏନ୍.ଏସ୍.ପି) ର ଚାରୋଟି ସ୍ତମ୍ଭ- ଚିହ୍ନଟ କରିବା, ଚିକିତ୍ସା, ପ୍ରତିରୋଧ ଏବଂ ଗଠନର ବ୍ୟବହାର କରେ ।

ଏହି ସଂକ୍ଷିପ୍ତ ବିବରଣୀର ଉଦ୍ଦେଶ୍ୟ ପାଠକମାନଙ୍କୁ ଯକ୍ଷ୍ମାର ଲିଙ୍ଗଗତ ପରିଣାମ ଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବା ଏବଂ କିପରି ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଗୋଷ୍ଠୀ ସ୍ତରରେ ଏକ ଲିଙ୍ଗ ପ୍ରତିକ୍ରିୟାଶୀଳ ରୂପରେଖି ଏକ ସମ୍ପୂର୍ଣ୍ଣ ଭାବେ ଯକ୍ଷ୍ମା ଚିକିତ୍ସା ପ୍ରତିକ୍ରିୟା ସୃଷ୍ଟି କରିପାରିବ, ତାହା ବୁଝିବାରେ ସାହାଯ୍ୟ କରିବା ।

## ଲିଙ୍ଗ, ଯୌନତା ସମ୍ବନ୍ଧୀୟ ଜ୍ଞାନ ଏବଂ ଯକ୍ଷ୍ମା ମଧ୍ୟରେ ପାରସ୍ପରିକ ଆଲୋଚନା

### ଯକ୍ଷ୍ମାଜନିତ ଚାପ

ସାଧାରଣତଃ, ମହିଳା ମାନଙ୍କ ଅପେକ୍ଷା ଅଧିକ ପୁରୁଷ ଯକ୍ଷ୍ମା ଦ୍ୱାରା ପ୍ରଭାବିତ ହୁଅନ୍ତି । ତଥାପି, ଏହା ସମ୍ଭବ ଯେ ମହିଳାମାନଙ୍କ ଠାରେ ନିରାକରଣରେ ଅଧିକ ବିଳମ୍ବ ହେବାର ସମ୍ଭାବନା ଥାଏ, ଯାହାର କାରଣ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା ସଠିକ୍ ଭାବରେ ନହେବା ଏବଂ ଅନ୍ଧ ବିଶ୍ୱାସ, ଯାହା ଆବଶ୍ୟକ ହେଉଥିବା ଯତ୍ନ ପାଇଁ ବାଧକ ହୋଇଥାଏ । ଭାରତରେ ଯକ୍ଷ୍ମା କାର୍ଯ୍ୟକ୍ରମ କିନ୍ନର ପରିଚୟକୁ ରେକର୍ଡ କରେ, କିନ୍ତୁ ଏହା ବାହାରେ LGBTQIA++ ଗୋଷ୍ଠୀ ମଧ୍ୟରେ ଯକ୍ଷ୍ମାଜନିତ ଚାପର ବହୁତ କମ୍ ତଥ୍ୟ ରହିଛି ।

### ଲିଙ୍ଗ ଆଧାରିତ ବିପଦ ଏବଂ ଦୁଃସ୍ଥତା

- **ମହିଳାମାନେ** ପ୍ରାୟତଃ ବେତନ ପ୍ରାପ୍ତ କାର୍ଯ୍ୟ, ଅଣବେତନ ପ୍ରାପ୍ତ ଘରୋଇ କାର୍ଯ୍ୟ ଏବଂ ଘରେ ଯତ୍ନ ନେବା ଦାୟିତ୍ୱର ତିନିଗୁଣା ଭାର ବହନ କରନ୍ତି । ଆର୍ଥିକ ସ୍ୱାଧୀନତାର ଅଭାବ ସେମାନଙ୍କର ସମ୍ବଳର ଉପଲବ୍ଧତାକୁ ବନ୍ଦ କରିଥାଏ, ଯାହା ଫଳରେ କ୍ଷମତାରେ ଭିନ୍ନତା ଦେଖିବାକୁ ମିଳିଥାଏ । ଏହି ସମସ୍ତ କାରଣ ଯୋଗୁଁ ସେମାନଙ୍କୁ ଯକ୍ଷ୍ମା ପାଇଁ ଅଧିକ ଅସୁରକ୍ଷିତ ହେବାକୁ ପଡ଼ିଥାଏ ।
- **ପୁରୁଷମାନେ** ପରିବାର ପାଇଁ ରୋଜଗାରର ଚାପର ସମ୍ମୁଖୀନ ହୁଅନ୍ତି ଏବଂ ଶକ୍ତିଶାଳୀ, ମଜବୁତ ଏବଂ ଅସୁରକ୍ଷିତ ନହେବା ପରି ଦେଖାଯାନ୍ତି । ବିପଦପୂର୍ଣ୍ଣ ଆଚରଣକୁ ଆପଣେଇବା ଯେପରିକି ଧୂମପାନ କରିବା ଏବଂ ମଦ୍ୟପାନ କରିବା କାରଣରୁ ସେମାନଙ୍କ ଠାରେ ଯକ୍ଷ୍ମା ହେବାର ସମ୍ଭାବନା ଅଧିକ ଦେଖାଯାଇଥାଏ ।
- **LGBTQIA++** ବ୍ୟକ୍ତିବିଶେଷ ଆଇନଗତ ଏବଂ ପ୍ରତିରକ୍ଷା ରୂପରେଖରେ ଫାଟ କାରଣରୁ ଅର୍ଥନୈତିକ ଉପେକ୍ଷା, ଭେଦଭାବ ଏବଂ ବହିଷ୍କାରର ସମ୍ମୁଖୀନ ହୁଅନ୍ତି । ସାମାଜିକ-ଆର୍ଥିକ କ୍ଷତି, ଅପର୍ଯ୍ୟାପ୍ତ ପରିମାଣର ରହିବାର ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ପ୍ରତିବନ୍ଧକ ଗୁଡ଼ିକର ପରିଣାମ ସ୍ୱରୂପ ଯକ୍ଷ୍ମା ହେବାର ସମ୍ଭାବନା ବଢ଼ି ଯାଇଥାଏ ।
- **ଯକ୍ଷ୍ମା** ପୁରୁଷ ଏବଂ ମହିଳା, ବିଶେଷ କରି ଯେଉଁମାନେ ଅନୌପଚାରିକ କ୍ଷେତ୍ରରେ କାର୍ଯ୍ୟରତ, ସେମାନଙ୍କ ପାଇଁ ଯକ୍ଷ୍ମା ମଧ୍ୟ ଏକ ବୃତ୍ତିଗତ ବିପଦ ।

## ସ୍ୱାସ୍ଥ୍ୟସେବା ଆବଶ୍ୟକ କରୁଥିବା ଆଚରଣ ଏବଂ ସ୍ୱାସ୍ଥ୍ୟ ଭିତ୍ତିକ ଯନ୍ତ୍ରର ଉପଲବ୍ଧତା



### ମହିଳାମାନେ

- ବୈଦ୍ୟ, ଟ୍ରାଇବାଲ୍ ହିଲର୍ ଇତ୍ୟାଦି ମାନଙ୍କ ପାଖରେ ପହଞ୍ଚିବାର ସମ୍ଭାବନା ଅଧିକ ଥାଏ ।
- ଯକ୍ଷ୍ମାର ସନ୍ଦେହ ସୂଚକାଙ୍କରେ ନିମ୍ନରେ ଅଛନ୍ତି ।
- ଯକ୍ଷ୍ମାର ଭିନ୍ନ ଭିନ୍ନ ଲକ୍ଷଣ ଉପସ୍ଥାପନ କରନ୍ତି ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପାଇଁ ବ୍ୟକ୍ତିଗତ ସ୍ଥାନର ଅଭାବ ପରିଲକ୍ଷିତ କରିଥାନ୍ତି ।
- ମହିଳା ଡାକ୍ତରଙ୍କର ଉପଲବ୍ଧତାର ଅଭାବ ପରିଲକ୍ଷିତ କରିଥାନ୍ତି ।

### ପୁରୁଷମାନେ

- ଚିକିତ୍ସା କେନ୍ଦ୍ରର ଅନୁପଯୁକ୍ତ ସମୟସୀମା ଏବଂ ଭୌଗୋଳିକ ଦୂରତା କାରଣରୁ ସ୍ୱାସ୍ଥ୍ୟ ସେବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।
- ସ୍ୱାସ୍ଥ୍ୟ କର୍ମଚାରୀଙ୍କର ଅଣ-ସ୍ୱାଗତଯୋଗ୍ୟ ମନୋଭାବର ଅଭିଜ୍ଞତା ଅନୁଭବ କରିଥାନ୍ତି ।
- ବେସରକାରୀ ଡାକ୍ତରଖାନାରେ ଅଧିକ ପରିମାଣର ପରାମର୍ଶ ଦେୟ ପ୍ରଦାନ କରିଥାନ୍ତି ।

### LGBTQIA++ ବ୍ୟକ୍ତିମାନେ

- କଳଙ୍କ, ଭେଦଭାବ ଏବଂ ଅପବ୍ୟବହାରର ସମ୍ମୁଖୀନ ହୁଅନ୍ତି ।
- ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବ୍ୟକ୍ତିଗତ ସ୍ଥାନର ଅଭାବ ପରିଲକ୍ଷିତ କରିଥାନ୍ତି ।
- ଗୋପନୀୟ ସ୍ୱାସ୍ଥ୍ୟ ସେବାର ଅଭାବ ।
- ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ମାଗଣା ଯକ୍ଷ୍ମା ସେବା ବିଷୟରେ ସୂଚନା ପାଇବାର ଅଭାବ ପରିଲକ୍ଷିତ କରିଥାନ୍ତି ।

## ଚିକିତ୍ସାର ଅନୁପାଳନ ଏବଂ ସମାପନ

- ଚିକିତ୍ସାର ଉନ୍ନତ ମାନର ପରିଣାମ ସହିତ **ମହିଳାମାନଙ୍କର** ଚିକିତ୍ସା ସମାପ୍ତ କରିବାର ଅଧିକ ସମ୍ଭାବନା ଥାଏ । ବିବାହିତା ମହିଳାମାନେ ଅନେକ ଗୁଡ଼ିଏ କାରଣ ଯୋଗୁଁ ଯକ୍ଷ୍ମାର ଚିକିତ୍ସା ସମ୍ପୂର୍ଣ୍ଣ କରିବାରେ ଅସମର୍ଥ ହୋଇପାରନ୍ତି, ଯେପରିକି ଯକ୍ଷ୍ମା ଭଳି ରୋଗ ବିଷୟରେ ଶାଶୁ ଘର ଲୋକମାନଙ୍କୁ ଜଣାଇବା ଅନୁଚିତ୍ ଏବଂ ସାମାଜିକ କଳଙ୍କ, ନିଜସ୍ୱ-ଅନ୍ଧବିଶ୍ୱାସ ଏବଂ ପରିବାର ଏବଂ ସାହିପଡ଼ିଶା ଲୋକମାନଙ୍କ ଠାରୁ ବାଦ ହେବାର ଭୟ, କିମ୍ବା ଗର୍ଭାବସ୍ଥା ସମୟରେ ପ୍ରଥମ ସୋପାନ ଯକ୍ଷ୍ମା ଔଷଧର ସୁରକ୍ଷା ବିଷୟରେ ଅସମ୍ପୂର୍ଣ୍ଣ ସୂଚନା କାରଣରୁ ମହିଳାମାନେ ସେମାନଙ୍କର ଯକ୍ଷ୍ମାର ଚିହ୍ନଟିକରଣକୁ ଲୁଚାଇଥାନ୍ତି ।
- **ପୁରୁଷମାନେ**, ବିଶେଷ କରି ଯେଉଁମାନେ ଧୂମପାନ କରନ୍ତି କିମ୍ବା ମଦ୍ୟପାନ କରନ୍ତି, ଯକ୍ଷ୍ମା ଚିକିତ୍ସା ସମ୍ପୂର୍ଣ୍ଣ କରିବାକୁ ସଂଘର୍ଷ କରଥାନ୍ତି ପ୍ରତିକୂଳ ଔଷଧ ପ୍ରତିକ୍ରିୟା (ଏ.ଡି.ଆର୍.ଏସ୍.) କିମ୍ବା ଯକ୍ଷ୍ମା ଔଷଧର ବିଷାକ୍ତତା, ସ୍ଥାନାନ୍ତରୀକରଣ ଏବଂ ଅନ୍ୟାନ୍ୟ କେନ୍ଦ୍ରରୁ ଔଷଧ ସେବନ କରିବା ଇତ୍ୟାଦି ଅନେକ ଗୁଡ଼ିଏ କାରଣ ଯୋଗୁଁ ସେମାନଙ୍କର ଚିକିତ୍ସା ସମାପ୍ତ ହୋଇପାରି ନଥାଏ ।
- LGBTQIA++ ବ୍ୟକ୍ତିବିଶେଷ ଅର୍ଥନୈତିକ ଅସ୍ଥିରତା, ସାମାଜିକ ଭେଦଭାବ ଏବଂ କଳଙ୍କ ଯୋଗୁଁ ପ୍ରାୟତଃ ଚିକିତ୍ସା ସମାପ୍ତ କରିବାରେ ଅସମର୍ଥ ହୋଇଥାନ୍ତି ।

## ଯକ୍ଷ୍ମାର ସାମାଜିକ-ଅର୍ଥନୈତିକ ଏବଂ ମନସ୍ତାତ୍ତ୍ୱିକ ପ୍ରଭାବ

- ଯକ୍ଷ୍ମା ଚିହ୍ନଟିକରଣ ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ଏବଂ ପାରିବାରିକ ଦାୟିତ୍ୱ ଏବଂ ଚାପକୁ ପରିଚାଳନା କରିବାର କ୍ଷମତା ଉପରେ ପ୍ରଭାବ ପକାଇଥାଏ ।
- କାମ ନକରି ପାରିବା କିମ୍ବା ପରିବାରର ଭରଣ ପୋଷଣ ନ କରିପାରିବାର ଚାପ ପୁରୁଷମାନଙ୍କ ଉପରେ ଅଧିକ ଥାଏ ।
- ଯକ୍ଷ୍ମାର ସାମାଜିକ ଅର୍ଥନୈତିକ ଏବଂ ମନସ୍ତାତ୍ତ୍ୱିକ ପ୍ରଭାବ LGBTQIA++ ବ୍ୟକ୍ତିମାନଙ୍କ ପାଇଁ ବର୍ଦ୍ଧିତ ହେବା ସହିତ ଦମନକାରୀ ହୋଇଥାଏ କାରଣ ସେମାନଙ୍କର ପରିବାର ଏବଂ ସଂରଚିତ ଗୋଷ୍ଠୀର ସାମାଜିକ ସୁରକ୍ଷା ବଳୟ ନଥାଏ ।



## ଯକ୍ଷ୍ମା ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଭିନ୍ନ ଭିନ୍ନ ଅନୁଭୂତି

- ମହିଳାମାନଙ୍କ ପାଇଁ ଅନ୍ଧବିଶ୍ୱାସ ବିବାହ ଜନିତ ସମସ୍ୟା, ନିର୍ଯ୍ୟାତନା ଏବଂ ଘର ଭିତରେ ଭିନ୍ନ ଭିନ୍ନ ଚିକିତ୍ସା ସହିତ ଜଡ଼ିତ ।
- ଯକ୍ଷ୍ମା ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଏବଂ ଆୟ ହ୍ରାସ ହେତୁ ପୁରୁଷମାନେ ସାମାଜିକ ସ୍ତରରେ ବାସନ୍ଦ ହୋଇଥାନ୍ତି ଏବଂ ଚାକିରୀ ହରାଇଥାନ୍ତି ।
- LGBTQIA++ ବ୍ୟକ୍ତି ବିଶେଷଙ୍କର ତିନି ତରଫା ଅନ୍ଧବିଶ୍ୱାସ – LGBTQIA++ ବ୍ୟକ୍ତି ଭାବରେ ସାମାଜିକ ଭେଦଭାବ, LGBTQIA++ ବ୍ୟକ୍ତି ଭାବରେ କିମ୍ବା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଏବଂ LGBTQIA++ ବ୍ୟକ୍ତି ଏଚ.ଆଇ.ଭି ଏବଂ ଯକ୍ଷ୍ମାରେ ଆକ୍ରାନ୍ତ କିମ୍ବା ଏଚ.ଆଇ.ଭି ଥିବାର ଅନୁମାନ କରାଯାଏ ।



## ଯକ୍ଷ୍ମା ପ୍ରତି Gender responsive ଉପାୟ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ରୂପରେଖ ଦ୍ୱାରା ପରାମର୍ଶ ଦିଆଯାଇଥିବା ପଦକ୍ଷେପ ସମୂହ

ଜାତୀୟ, ରାଜ୍ୟ, ଜିଲ୍ଲା ଏବଂ ଉପ-ଜିଲ୍ଲା ସ୍ତରରେ ସି.ଆଇ.ଏସ୍. ମହିଳା, LGBTQIA++ ବ୍ୟକ୍ତିମାନଙ୍କର ଏବଂ ସି.ଆଇ.ଏସ୍. ପୁରୁଷ ମାନଙ୍କର ବିଭିନ୍ନ ଯକ୍ଷ୍ମା ଲକ୍ଷଣକୁ ବୁଝିବା ଏବଂ ଯକ୍ଷ୍ମା ଏବଂ ଲିଙ୍ଗ ମଧ୍ୟରେ ପ୍ରତିକ୍ରିୟାଶୀଳତା ଉପରେ ପାରସ୍ପରିକ ସମ୍ପର୍କ ବିଷୟରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ (ଏନ୍.ଟି.ଇ.ପି) କର୍ମଚାରୀଙ୍କର ପ୍ରଶିକ୍ଷଣ କରିବା ।

ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଗୋଷ୍ଠୀ ସ୍ତରରେ ଯକ୍ଷ୍ମା ଚିହ୍ନଟ, ଚିକିତ୍ସା ଏବଂ ପ୍ରତିରୋଧ ପାଇଁ Gender responsive ଉପାୟ

ଗୋଷ୍ଠୀରେ ଲିଙ୍ଗ-ବିବିଧତା ଯକ୍ଷ୍ମାର ଚିକିତ୍ସା ସମର୍ଥକମାନଙ୍କର ଚୟନ

ପ୍ରଭାବିତ ଗୋଷ୍ଠୀର ଅନୁଭୂତିରୁ ଶିଖିବା ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ସହାୟତା ଗୋଷ୍ଠୀ ଗଠନକୁ ସହଜ କରିବା ।

ନେତୃତ୍ୱ ଭୂମିକାରେ ଏବଂ ଯକ୍ଷ୍ମା ଆଭିମୁଖ୍ୟରେ ସମସ୍ତ ଲିଙ୍ଗର ପ୍ରଭାବିତ ଗୋଷ୍ଠୀର ପ୍ରତିନିଧିଙ୍କ ଆନୁପାତିକ ଏବଂ ଉପଯୁକ୍ତ ପ୍ରତିନିଧିତ୍ୱ ନିଶ୍ଚିତ କରିବା ।

ଲିଙ୍ଗ ପ୍ରତିକ୍ରିୟାଶୀଳ ଆଡଭୋକେସୀ, ଯୋଗାଯୋଗ ଏବଂ ସାମାଜିକ ଗତିଶୀଳତା (ଏ.ସି.ଏସ୍.ଏମ୍.) କାର୍ଯ୍ୟକଳାପ ଗୁଡ଼ିକର ପରିକଳ୍ପନା, ଯୋଜନା ଏବଂ କାର୍ଯ୍ୟାନ୍ୱୟନରେ ସହ-ନିର୍ମାତା ଭାବରେ ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ଲୋକମାନଙ୍କ ସହିତ ଯକ୍ଷ୍ମା ପ୍ରଭାବିତ ଗୋଷ୍ଠୀର ଯୋଗଦାନ ।

ଯକ୍ଷ୍ମା କାର୍ଯ୍ୟକ୍ରମ ରୂପରେଖରେ Gender କୁ ପ୍ରାଧାନ୍ୟ ଦେବା ଏବଂ Gender responsive ମୂଲ୍ୟାୟନକୁ ସାମିଲ୍ କରିବା ।

ବିପଦ ସଙ୍କୁଳ ଏବଂ ସାମାଜିକ ରୂପେ ଅବହେଳିତ ଗୋଷ୍ଠୀ ଯେପରିକି ସି.ଆଇ.ଏସ୍. ମହିଳା ଏବଂ LGBTQIA++ ବ୍ୟକ୍ତିମାନଙ୍କ ଉପରେ ସେମାନଙ୍କର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ସଠିକ୍ ଭାବରେ ବୁଝିବା ପାଇଁ ଅଧିକ ଧ୍ୟାନ ଦିଆଯାଇଅଛି ।

ଜାତୀୟ ତଥା ରାଜ୍ୟ ସ୍ତରରେ ସ୍ୱାସ୍ଥ୍ୟ ବିଭାଗ ବ୍ୟତୀତ ଅନ୍ୟ ବିଭାଗ ଏବଂ ମନ୍ତ୍ରଣାଳୟ ସହିତ ସହଯୋଗ ଗଠନ ଏବଂ ଦୃଢ଼ କରିବା ସହିତ ଏକ ବହୁମୁଖୀ ପ୍ରତିକ୍ରିୟାର ଫ୍ରେମ୍ କରିବା ।

## ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଗୋଷ୍ଠୀ ସ୍ତରରେ ଯକ୍ଷ୍ମା ପାଇଁ Gender responsive ଉପାୟ ଗୁଡ଼ିକର କାର୍ଯ୍ୟାନ୍ୱୟନ କରିବା

### ଯକ୍ଷ୍ମା ଚିହ୍ନଟ



**ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ପ୍ରମୁଖ କାର୍ଯ୍ୟ**

- ଅସୁରକ୍ଷିତ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସ୍ତରୀୟ ମ୍ୟାପିଂ, ସ୍କ୍ରିନିଂ ଏବଂ ସକ୍ରିୟ ଯକ୍ଷ୍ମା ରୋଗୀ ଖୋଜିବା କରିବା ।
- ବିବିଧ ଲିଙ୍ଗ ଏବଂ ଯୌନତା ଭିତ୍ତିକ ଜ୍ଞାନ ମଧ୍ୟରେ ନିରାକରଣ ଉପଲବ୍ଧ ଟ୍ରାକିଂ ଏବଂ ବିଶ୍ଳେଷଣ କରିବା ।

**ଗୋଷ୍ଠୀ ସ୍ତରରେ ପ୍ରମୁଖ କାର୍ଯ୍ୟ**

- ଟିବି ଚମ୍ପିୟାନ୍ ମାନଙ୍କର, ଆରୋଗ୍ୟ ଲାଭ କରିଥିବା ଲୋକମାନଙ୍କର ନେଟ୍‌ୱର୍କ ଏବଂ LGBTQIA++ ସଂଗଠନର ସକ୍ରିୟ ଅଂଶଗ୍ରହଣ ସାମୁହିକ ଭାବେ:
  - ଗୋଷ୍ଠୀ ସ୍ତରରେ ପହଞ୍ଚିବା
  - ଗୋଷ୍ଠୀ ସ୍ତରରୁ ଏକ ଦୃଢ଼ ମତାମତ ପ୍ରଣାଳୀ ନିଶ୍ଚିତ କରିବାରେ ସାହାଯ୍ୟ କରିଥାଏ ।
- ଟିବି ଚମ୍ପିୟାନ୍, ସ୍ଥାନୀୟ ଗୋଷ୍ଠୀର ନେତା ଏବଂ LGBTQIA++ ସଂଗଠନର ଯୋଗଦାନ ସକ୍ରିୟ ଯକ୍ଷ୍ମା ରୋଗୀ ଖୋଜିବା (ଏ.ସି.ଏଫ୍) ରେ ସହାୟତା କରିଥାଏ ।

### ଯକ୍ଷ୍ମା ଚିକିତ୍ସା



**ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ପ୍ରମୁଖ କାର୍ଯ୍ୟ**

- ଚିକିତ୍ସା ଆରମ୍ଭ ସମୟରେ ଲିଙ୍ଗ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ବୁଝିବା ପାଇଁ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ (ଏନ୍.ଟି.ଇ.ପି.) କର୍ମଚାରୀଙ୍କ ତାଲିମ ।
- ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକରେ ଲିଙ୍ଗଗତ ରୂଢ଼ିବାଦିତା ଠାରୁ ଦୂରେଇ ରହିବା ।
- ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଟ୍ରାନ୍ସ ବ୍ୟକ୍ତିଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଚିହ୍ନଟ କରିବା ଏବଂ ସମାଧାନ କରିବା ।
- ମହିଳା ଏବଂ LGBTQIA++ ବ୍ୟକ୍ତିମାନଙ୍କୁ ଭେଦଭାବକୁ ରୋକିବା ।
- ନୂତନ ଚିକିତ୍ସା ବ୍ୟବସ୍ଥାରେ ଲିଙ୍ଗ-ଅନ୍ତର୍ଭୁକ୍ତ ପ୍ରବେଶକୁ ସୁନିଶ୍ଚିତ କରିବା ।
- ଗୋପନୀୟତା ଏବଂ ଗୋପନୀୟତା ବଜାୟ ରଖିବା ଏବଂ ସୂଚନା ସମ୍ମତି ସୁନିଶ୍ଚିତ କରିବା ।
- ଲିଙ୍ଗଭିତ୍ତିକ ହିଂସାରେ ସଂକ୍ରମିତ ଯକ୍ଷ୍ମା ରୋଗୀଙ୍କ ପାଇଁ ସମର୍ଥନ ସେବାକୁ ଉପଲବ୍ଧ କରିବା ।

**ଗୋଷ୍ଠୀ ସ୍ତରରେ ପ୍ରମୁଖ କାର୍ଯ୍ୟ**

- ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଲିଙ୍ଗ ପ୍ରତିକ୍ରିୟାଶୀଳ ସାଥୀ ସମର୍ଥନ ଯୋଗାଇବା ପାଇଁ ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଏବଂ ଚମ୍ପିୟାନ୍ ମାନଙ୍କର ଦକ୍ଷତା ବୃଦ୍ଧି ।
- ମହିଳା ଏବଂ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ ନିଶ୍ଚିତ କରିବା ଯେଉଁମାନେ LGBTQIA++ ଟିବି ଚମ୍ପିୟାନ୍ ଭାବରେ ପରିଚିତ ।
- ଟିବି ଫୋରମ୍ ଏବଂ ଆରୋଗ୍ୟଲାଭ କରିଥିବା ଯକ୍ଷ୍ମା ରୋଗୀଙ୍କ ନେତୃତ୍ୱାଧିନ ନେଟ୍‌ୱର୍କ ମାଧ୍ୟମରେ ଚିକିତ୍ସା ସେବାର ଗୁଣବତ୍ତା ଉପରେ ଗୋଷ୍ଠୀର ମନିଟରିଂ ଏବଂ ମତାମତ ।
- ପର୍ଯ୍ୟାପ୍ତ ଏବଂ ଆନୁପାତିକ ପ୍ରତିନିଧିତ୍ୱ ସହିତ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଟିବି ଫୋରମ୍‌ର ଗଠନ ।

## ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ପ୍ରମୁଖ କାର୍ଯ୍ୟ | ଗୋଷ୍ଠୀ ସ୍ତରରେ ପ୍ରମୁଖ କାର୍ଯ୍ୟ

### ଯକ୍ଷ୍ମା ପ୍ରତିରୋଧ



**ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ପ୍ରମୁଖ କାର୍ଯ୍ୟ**

- ବିଭିନ୍ନ ଲିଙ୍ଗ ଏବଂ ଯୌନ ପରିଚୟରୁ ଯକ୍ଷ୍ମା ରୋଗୀଙ୍କ ଯୋଗାଯୋଗ ସ୍କ୍ରିନିଂ ସୁନିଶ୍ଚିତ କରିବା ।
- ପରିବାରରେ ବିଶେଷ ଭାବରେ ଅସୁରକ୍ଷିତ ଲୋକମାନଙ୍କର ସ୍କ୍ରିନିଂ ସୁନିଶ୍ଚିତ କରିବା, ଯେଉଁମାନଙ୍କ ମଧ୍ୟରେ ଯତ୍ନପ୍ରଦାନକାରୀ ମହିଳା, ରୋଷେଇ କରିବା ପାଇଁ ଇନ୍ଧନର ବ୍ୟବହାର କରୁଥିବା ମହିଳା, ଯକ୍ଷ୍ମାରେ ପୀଡ଼ିତ ଲୋକମାନଙ୍କ ସଂସ୍ପର୍ଶରେ ଆସୁଥିବା ଗର୍ଭବତୀ କିମ୍ବା ପ୍ରସବୋତ୍ତର ମହିଳା, ସମସ୍ତ ଲିଙ୍ଗ ଏବଂ ଯୌନ ପରିଚୟ ଥିବା ଲୋକମାନେ ଯେଉଁମାନେ ଧୂମପାନ କରନ୍ତି, ନିଶା ସେବନ କରନ୍ତି କିମ୍ବା ମଦ୍ୟପାନ କରନ୍ତି ଏବଂ ଏଥିରେ LGBTQIA++ ବ୍ୟକ୍ତି ବିଶେଷ ମଧ୍ୟ ଅନ୍ତର୍ଭୁକ୍ତ, ଯେଉଁମାନେ ଭିଡ଼ ଥିବା ଗୋଷ୍ଠୀରେ ରହିବାକୁ ବାଧ୍ୟ ହୁଅନ୍ତି ଏବଂ ଅଛନ୍ତି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କର ସୀମିତ ପ୍ରବେଶ ରହିଥାଏ ।

**ଗୋଷ୍ଠୀ ସ୍ତରରେ ପ୍ରମୁଖ କାର୍ଯ୍ୟ**

- ଟିବି ଚମ୍ପିୟାନ୍, ଆରୋଗ୍ୟ ଲାଭ କରିଥିବା ଲୋକମାନଙ୍କର ନେଟୱର୍କ ଏବଂ LGBTQIA++ ବ୍ୟକ୍ତିମାନଙ୍କ ଦ୍ୱାରା ଯକ୍ଷ୍ମା ପ୍ରତିରୋଧକ ଚିକିତ୍ସା (ଟି.ପି.ଟି) କରିବା ପାଇଁ ଯକ୍ଷ୍ମା ଥିବା ଲୋକଙ୍କୁ ପରାମର୍ଶ ଦେବା ।
- କ୍ଲିନିକାଲ୍ ସେଟିଂ ବାହାରେ ଯକ୍ଷ୍ମା ପ୍ରତିରୋଧକ ଚିକିତ୍ସା (ଟି.ପି.ଟି)ର ଉପଲବ୍ଧତା ସୁନିଶ୍ଚିତ କରିବା ।
- ସାଧାରଣ ସାମାଜିକ-ସାଂସ୍କୃତିକ ସମସ୍ୟା ବିଷୟରେ ଯକ୍ଷ୍ମା ରୋଗୀ, ଟିବି ଚମ୍ପିୟାନ୍ ଏବଂ ଯକ୍ଷ୍ମାରୁ ଆରୋଗ୍ୟଲାଭ ହୋଇଥିବା ବ୍ୟକ୍ତିଙ୍କ ନେତୃତ୍ୱରେ ଥିବା ନେଟୱର୍କ ଲୋକଙ୍କ ଠାରୁ ମତାମତ ଖୋଜିବା ।

### ଏକ Gender responsive ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ କରିବା



**ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ପ୍ରମୁଖ କାର୍ଯ୍ୟ**

- ନିୟମିତ ଭାବରେ ହେବାକୁ ଥିବା ସମସ୍ତ ବୈଠକ ଏବଂ ସମୀକ୍ଷାରେ ଲିଙ୍ଗଗତ ସମସ୍ୟା ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ।
- ଦୀର୍ଘକାଳୀନ ଅବଧିରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର କର୍ମକ୍ଷେତ୍ରରେ ଲିଙ୍ଗଗତ ସମାନତା ପାଇଁ ଲକ୍ଷ୍ୟ ।
- ଗୋଷ୍ଠୀରେ ଚିକିତ୍ସା ସମର୍ଥକ ବାଛିବାରେ ଏକ ଲିଙ୍ଗ-ବିବିଧ ଏବଂ ଅନ୍ତର୍ଭୁକ୍ତ ପଦ୍ଧତି ଗ୍ରହଣ କରିବା ।

**ଗୋଷ୍ଠୀ ସ୍ତରରେ ପ୍ରମୁଖ କାର୍ଯ୍ୟ**

- ପ୍ରଭାବିତ ଗୋଷ୍ଠୀର ଅନୁଭୂତିରୁ ଶିଖିବାରେ ବିନିଯୋଗ କରିବା ।
- ପ୍ରଭାବିତ ଗୋଷ୍ଠୀର ସମସ୍ତ ଲିଙ୍ଗର ପ୍ରତିନିଧିମାନଙ୍କର ଆନୁପାତିକ ଓ ଉପଯୁକ୍ତ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କର ଭୂମିକାରେ ଯୌନଗତ ଆଭିମୁଖ୍ୟକୁ ଓ ଟିବି ଫୋରମ୍‌ରେ ସେମାନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରାଇବା ।

### ଏକ ଲିଙ୍ଗଭିତ୍ତିକ ଦୃଷ୍ଟିକୋଣରେ ତଦାରଖ, ମନିଟରିଂ ଏବଂ ମୂଲ୍ୟାଙ୍କନ କରିବା



- କର୍ମଚାରୀମାନଙ୍କର ଲିଙ୍ଗ ଏବଂ ଯୌନତା ପ୍ରଶିକ୍ଷଣର ମୂଲ୍ୟାଙ୍କନ କରିବା ଏବଂ ପ୍ରୋଗ୍ରାମିଂ ରେ ଲିଙ୍ଗକୁ ମୁଖ୍ୟସ୍ରୋତକୁ ଆଣିବା ।
- Gender responsive ପ୍ରବେଶକୁ ସୁନିଶ୍ଚିତ କରିବା ପାଇଁ ଯାନ୍ତ୍ରିକ କୌଶଳ ପ୍ରସ୍ତୁତ କରିବା ପାଇଁ ଲିଙ୍ଗ-ଭିନ୍ନ ତଥ୍ୟକୁ ରେକର୍ଡିଂ, ବ୍ୟାଖ୍ୟା ଏବଂ ପ୍ରୟୋଗ ଉପରେ ଧ୍ୟାନ ଦେବା ।
- ସମସ୍ତ ସ୍ତରରେ କାର୍ଯ୍ୟକ୍ରମ ଦ୍ୱାରା ବ୍ୟବହୃତ ବିଦ୍ୟମାନ ଥିବା ମୂଲ୍ୟାଙ୍କନ ରୂପରେଖରେ ଲିଙ୍ଗ ପ୍ରତିକ୍ରିୟାଶୀଳ ପ୍ରୋଗ୍ରାମିଂ ଉପାଦାନକୁ ଅନ୍ତର୍ଭୁକ୍ତ କରିବା ।

**ଲିଙ୍ଗଗତ ପରିମାପକୁ ଚିହ୍ନିବା ଏବଂ ସ୍ୱୀକାର କରିବା ଏବଂ ଯକ୍ଷ୍ମା ଯତ୍ନ ଏବଂ ଚିକିତ୍ସା ପାଇଁ ଏକ ଲିଙ୍ଗ ସମ୍ବେଦନଶୀଳ ଆଭିମୁଖ୍ୟ ଅଭ୍ୟାସ କରିବା ଅତ୍ୟନ୍ତ ଜରୁରୀ ଅଟେ ଯାହା ଦ୍ୱାରା ପ୍ରତ୍ୟେକ ମହିଳା, ପୁରୁଷ ଏବଂ ବ୍ୟକ୍ତି ଯିଏ LGBTQIA++ ଭାବରେ ପରିଚିତ, ସେମାନେ ସର୍ବୋଚ୍ଚ ଗୁଣବତ୍ତା ଲିଙ୍ଗ ନିର୍ଦ୍ଦିଷ୍ଟ ଯତ୍ନ ଗ୍ରହଣ କରନ୍ତି ଯାହା ସେମାନେ ପାଇବାକୁ ଯୋଗ୍ୟ ଅଟନ୍ତି ।**



25 REACH
Equitable Health for All

**Resource Group for Education and Advocacy for Community Health (REACH)**
No. 194, 1st Floor, Avvai Shanmugam Salai Lane,
Lloyds Road, Royapettah, Chennai – 600014
Phone: 044-45565445 / 28132099

**Email**: support@reachindia.org.in
**Media Related Queries**: media@reachindia.org.in

www.reachindia.org.in | @Speaktb | @SPEAKTB | @REACHSpeakTB

All photographs in this report that feature TB Champions and/or people with TB are used with full, informed consent.

*This document is made possible by the generous support of the American People through the United States Agency for International Development (USAID). The contents are the sole responsibility of REACH and do not necessarily reflect the views of USAID or the United States Government.*